# NATIONAL NEWS BULLETIN (ODIA)

## 26 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ପ୍ରସଙ୍ଗ ନେଇ ଆଜି ଦେଶ ବ୍ୟାପି ପାଳନ କରାଯାଉଛି ସମ୍ବିଧାନ ଦିବସ ।
- ସର୍ଦ୍ଦାର ପଟେଲଙ୍କ ୧୫୦ ବର୍ଷ ଜୟନ୍ତୀ ପାଳନ ଅବସରରେ ଗୁଜରାଟର କରମ୍‌ସାଦ୍‌ରୁ ଆଜି ଆରମ୍ଭ ହେବ ଜାତୀୟ ସ୍ତରୀୟ ପଦଯାତ୍ରା ।
- ହାଇଦ୍ରାବାଦ୍‌ର ଜି.ଏମ୍.ଆର୍. ଏରୋ ସ୍ପେସ୍ ଏବଂ ଶିଳ୍ପ ପାର୍କଠାରେ ସାଏସି ବ୍ୟବସ୍ଥାର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଆଜି ପ୍ରଦାନ କରାଯିବ ଜାତୀୟ ଗୋପାଳରତ୍ନ ପୁରସ୍କାର ୨୦୨୫ ।

ଏବଂ

- ଆଇ.ସି.ସି. ପୁରୁଷ ବର୍ଗ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର କାର୍ଯ୍ୟସୂଚୀ ଘୋଷିତ ।

## ସମ୍ବିଧାନ ଦିବସ

ସମ୍ବିଧାନ ଦିବସ ଆଜି ଦେଶ ବ୍ୟାପି ପାଳନ କରାଯାଉଛି । ଚଳିତ ବର୍ଷ ବିଷୟବସ୍ତୁ ରହିଛି 'ଆମ ସମ୍ବିଧାନ–ଆମ ସ୍ୱାଭିମାନ'। ମୁଖ୍ୟ କାର୍ଯ୍ୟକ୍ରମ ଆଜି ନୂଆଦିଲ୍ଲୀର ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସାଂସଦ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

ସମ୍ବିଧାନର ମୁଖବନ୍ଧ ଆଜି ସହରରୁ ଗ୍ରାମ ପର୍ଯ୍ୟନ୍ତ ଦେଶ ବ୍ୟାପି ପାଠ କରାଯିବାକୁ ଥିବା ବେଳେ ରାଷ୍ଟ୍ରପତି ମୁର୍ମୁ ଏହାର ନେତୃତ୍ୱ ନେବେ । ଏହି ଅବସରରେ ୯ଟି ଭାଷା ମାଲାୟଲମ୍, ମରାଠି, ନେପାଳି, ପଞ୍ଜାବୀ, ବୋଡୋ, କାଶ୍ମିରୀ, ତେଲୁଗୁ, ଓଡ଼ିଆ ଏବଂ ଆସାମୀ ଭାଷାରେ ସମ୍ବିଧାନର ଅନୁବାଦିତ ପୁସ୍ତକ ଉନ୍ମୋଚନ କରାଯିବ । ଏକ ସ୍ମାରକୀ ପୁସ୍ତିକା 'ଭାରତ୍ କି ସମ୍ବିଧାନ୍ ସେ କଲା ଓର୍ କ୍ୟାଲିଗ୍ରାଫି' ମଧ୍ୟ ଏହି ଅବସରରେ ଉନ୍ମୋଚିତ ହେବ । ଚଳିତ ବର୍ଷ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଏହି ଐତିହାସିକ ସମ୍ବିଧାନକୁ ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ସଭାକୁ ଦୁଇ ବର୍ଷ ୧୧ ମାସ ୧୭ ଦିନ ସମୟ ଲାଗିଥିଲା ।

## ଗୁଜରାଟ–ପଦଯାତ୍ରା

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ ବର୍ଷ ଜନ୍ମ ବାର୍ଷିକୀ ପାଳନ ଅବସରରେ ଜନ୍ମସ୍ଥାନ ଗୁଜରାଟର କରମସାଦରୁ ଆଜି ସର୍ଦ୍ଦାର@୧୫୦ ଏକତା ଯାତ୍ରାର ଜାତୀୟ ସ୍ତରୀୟ ପଦଯାତ୍ରା ଆରମ୍ଭ ହେବ । ୧୧ ଦିନିଆ ଏହି

ପଦଯାତ୍ରା ଡିସେମ୍ବର ୬ ତାରିଖରେ କେଭାଡ଼ିଆର ଷ୍ଟାଚ୍ୟୁ ଅଫ୍ ୟୁନିଟି ଠାରେ ଶେଷ ହେବ । ଦେଶକୁ ଏକତ୍ର କରିବାରେ ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଭୂମିକାକୁ ସ୍ମରଣ କରି ଏହି ପଦଯାତ୍ରା ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନନ୍ଦର ବଲ୍ଲବ୍ ବିଦ୍ୟା ନଗର ଠାରେ ଆଭାସୀ ମାଧ୍ୟମରେ ଯାତ୍ରାର ଶୁଭାରମ୍ଭ କରିବେ । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ନିମୁବେନ ବମ୍ଭାନିୟା ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ । କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ପ୍ରମୁଖ ପ୍ରତିଦିନ ପଦଯାତ୍ରାର ନେତୃତ୍ୱ ନେବେ । ପଦଯାତ୍ରା ମାର୍ଗରେ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ବିଷୟବସ୍ତୁ ଆଧାରିତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ପଦଯାତ୍ରା ଅବସରରେ କେତେକ ବିକାଶମୂଳକ ପଦକ୍ଷେପର ଆୟୋଜନ କରାଯାଇଛି । ଜଳାଶୟଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ, ସର୍ଦ୍ଦାର ଉପବନ ଅଭିଯାନ ଅଧୀନରେ ଚାରା ରୋପଣ, ମହିଳା କଲ୍ୟାଣ ଶିବିର, ଯୋଗ ଓ ସ୍ୱାସ୍ଥ୍ୟ ଶିବିର, ଭୋକାଲ ଫର୍ ଲୋକାଲ୍ ଅଭିଯାନ ଆଦି ଏଥିରେ ରହିଛି । ସ୍ଥାନୀୟ ନାଗରୀକଙ୍କୁ ସଂଗଠିତ କରି ସ୍ଥାନୀୟ ନବସୃଜନ ପାଳନ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିଙ୍କୁ ସଂଶ୍ଳିଷ୍ଟ କରିବା ଆଦି ଏହି ପଦକ୍ଷେପ ଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ।

## ପିଏମ୍-ସାଏସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହାଇଦ୍ରାବାଦ୍‌ରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜି.ଏମ୍.ଆର୍. ଏରୋସ୍ପେସ୍ ଏବଂ ଶିଳ୍ପ ପାର୍କ୍ ଠାରେ ଭାରତୀୟ ସାଫ୍ରନ୍ ଏୟାର୍‌କ୍ରାଫ୍ଟ ଏବଂ ଇଞ୍ଜିନ୍ ସେବା ସାଏସି ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ସାଏସି ହେଉଛି – ଏକ ଅଗ୍ରଣୀ ବିମାନ, ରକ୍ଷଣାବେକ୍ଷଣ, ମରାମତି ବ୍ୟବସ୍ଥା ଯେଉଁଥିରେ ପ୍ରଥମଥର ପାଇଁ ବିମାନ ଗୁଡ଼ିକର ବୈଶ୍ୱିକ ଇଞ୍ଜିନ୍ ବ୍ୟବସ୍ଥାର ସୁଦୃଢ଼ିକରଣ ଏବଂ ରକ୍ଷଣାବେକ୍ଷଣା କରାଯିବ । ଏହି ସୁବିଧା ହାଇଦ୍ରାବାଦ୍‌ଠାରେ ଉପଲବ୍ଧ ହେବ ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ନବସୃଜନ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ କେନ୍ଦ୍ର ସ୍ଥଳୀ ହେବାକୁ ପ୍ରସ୍ତୁତ ହେଉଛି । ଭାରତର ବ୍ୟାପକ ଜାହାଜ ନିର୍ମାଣ ଶିଳ୍ପ କ୍ଷେତ୍ରର ସୁଯୋଗ ନେବା ଏବଂ ପରବର୍ତ୍ତୀ ପିଢ଼ି ସାମୁଦ୍ରିକ କ୍ଷମତା ବିକାଶରେ ସହଭାଗୀ ହେବାକୁ ମନ୍ତ୍ରୀ ଶ୍ରୀ ସିଂହ ବିଶ୍ୱସ୍ତରୀୟ ଅଂଶିଦାରଙ୍କୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ପ୍ରତିରକ୍ଷା ଉତ୍ପାଦନ ବିଭାଗ ଦ୍ୱାରା ଭାରତୀୟ ଜାହାଜ ନିର୍ମାଣ କେନ୍ଦ୍ରଗୁଡ଼ିକୁ ନେଇ ଆୟୋଜିତ ଏକ କର୍ମଶାଳାକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ଦେଶର ଜାହାଜ ନିର୍ମାଣ ଇକୋସିଷ୍ଟମ୍, ସାର୍ବଜନୀନ କ୍ଷେତ୍ରର ଜାହାଜ ନିର୍ମାଣ କେନ୍ଦ୍ର, ଘରୋଇ କମ୍ପାନୀ ଏବଂ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗ ଦ୍ୱାରା ପରିଚାଳିତ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଢାଞ୍ଚାରେ ବିକଶିତ ହୋଇଛି ।

ଆଞ୍ଚଳିକ ତଥା ବୈଶ୍ୱିକ ଏବଂ ନିରନ୍ତର ସାମୁଦ୍ରିକ ପ୍ରଯୁକ୍ତିବିଦ୍ୟା ଓ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଭାରତ ସହନିର୍ମାଣର ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ସ୍ୱଦେଶୀ ବିମାନ ବାହକ ଜାହାଜଗୁଡ଼ିକ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ପ୍ରଯୁକ୍ତିବିଦ୍ୟାର ଉତ୍କୃଷ୍ଟ ଉପଯୋଗ ଏବଂ ସଶକ୍ତ ଶିଳ୍ପ କ୍ଷେତ୍ରକୁ ଏହା ପ୍ରତିଫଳନ କରୁଛି । ବାଣିଜ୍ୟିକ କ୍ଷେତ୍ରରେ ଭାରତର ଜାହାଜ ନିର୍ମାଣ କମ୍ପାନୀ ଗୁଡ଼ିକ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି ।

**V/O-1--RAJNATH-SINGH-1**

# ନ୍ୟାସନାଲ୍ ମିଲ୍କ ଡେ

ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଆଜି ନୂଆଦିଲ୍ଲୀ ଠାରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯିବ । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ କାର୍ଯ୍ୟକ୍ରମରେ ଯୋଗଦେଇ ପୁରସ୍କାର ବିତରଣ କରିବେ । ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପଶୁପାଳନ ଏବଂ ଦୁଗ୍ଧ କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ପ୍ରମୁଖ ପଦକ୍ଷେପର ଆଜି ଶୁଭାରମ୍ଭ କରାଯିବ । ଏଥିରେ ବ୍ରିଡ୍ ବୃଦ୍ଧି ଫାର୍ମର ଉଦ୍‌ଘାଟନ ସହ ପଶୁ ଚିକିତ୍ସା ଭିତ୍ତିଭୂମିର ସର୍ବନିମ୍ନ ଆବଶ୍ୟକତା ପୂରଣ ନେଇ ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ଏବଂ ମୌଳିକ ପଶୁପାଳନ ପରିସଂଖ୍ୟାନ ୨୦୨୫ ଅନ୍ତର୍ଭୁକ୍ତ । ଏହି ଅବସରରେ ମୋହାଲି ମିଲ୍କ ୟୁନିୟନ୍ ଏବଂ ମିଲ୍କ ଫେଡେରେସନ୍‌ର ଜାତୀୟ ଦୁଗ୍ଧ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୨୦ଟି କ୍ଷୀର ଟ୍ୟାଙ୍କର୍‌କୁ ପତାକା ଦେଖାଇ ମନ୍ତ୍ରୀ ଶ୍ରୀ ସିଂହ ଶୁଭାରମ୍ଭ କରିବେ । ଦୁଗ୍ଧ ଯୋଗାଣ ଶୃଙ୍ଖଳ ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ଦୁଗ୍ଧ ଚାଷୀ ଓ

ଉପଭୋକ୍ତାଙ୍କୁ ଏହାର ସୁଫଳ ପ୍ରଦାନ କରିବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳନ କରୁଛି ।

# ଜିଏସ୍‌ଟି-ହେଲ୍‌ଥ କେୟାର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଦେଶର ବିଭିନ୍ନ ବର୍ଗର ନାଗରୀକଙ୍କୁ ସୁଫଳ କରିଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଲଭ ଏବଂ ସହଜ କରିପାରିଛି ।

୩୩ଟି ଜୀବନରକ୍ଷାକାରୀ ଔଷଧ ଉପରୁ ଜି.ଏସ୍.ଟି. ସମ୍ପୂର୍ଣ୍ଣ ଛାଡ଼ କରାଯାଇଥିବା ବେଳେ କେତେକ ଅତ୍ୟାବଶ୍ୟକୀୟ ଔଷଧ ଉପରେ ଜି.ଏସ୍.ଟି. ୫ ପ୍ରତିଶତକୁ ହ୍ରାସ କରାଯାଇଛି । ପୂର୍ବରୁ ଏଗୁଡ଼ିକ ୧୨ ପ୍ରତିଶତ ଜି.ଏସ୍.ଟି. ଶ୍ରେଣୀଭୁକ୍ତ ରହିଥିଲା । ଚିକିତ୍ସା ଉପକରଣ ଗୁଡ଼ିକ ଉପରେ ମଧ୍ୟ ପୂର୍ବରୁ ରହିଥିବା ୧୨ ପ୍ରତିଶତ ଟିକସ ହାରକୁ ୫ ପ୍ରତିଶତକୁ ହ୍ରାସ କରିଛି । ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଅଧିକ ବ୍ୟାପକ ହେବା ସହ ଶସ୍ତା ହୋଇଛି । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବିମା ଉପରେ ଟିକସ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ସ୍ୱାସ୍ଥ୍ୟବୀମା କ୍ଷେତ୍ରକୁ ଏହା ପ୍ରୋତ୍ସାହନ ପ୍ରଦାନ କରିଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଏକ ସୁସ୍ଥ ରାଷ୍ଟ୍ର ଗଠନ ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ସାବ୍ୟସ୍ତ ହେଉଛି ।

# ଆଇଏଫ୍ଏଫ୍ଆଇ

୫୬ତମ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସିନେମା ପ୍ରେମୀ ଏବଂ ଚଳଚ୍ଚିତ୍ର ଜଗତ ସହ ସଂଶ୍ଳିଷ୍ଟ ଅଂଶିଦାରଙ୍କୁ ଆକୃଷ୍ଟ କରିପାରିଛି । 'ଦି ହ୍ୱିସ୍‌ପର୍ସ୍ ଅଫ୍ ଦି ମାଉଣ୍ଟେନ୍ସ୍' ଚଳଚ୍ଚିତ୍ର ନିର୍ମାତା ଜିଗର୍ ନାଗଡ଼ା ଏବଂ ଜିତେନ୍ଦ୍ର ମିଶ୍ରଙ୍କ ଭଳି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତାଙ୍କଠାରୁ ଆରମ୍ଭ କରି ଥରୁନ୍ ମୂର୍ତ୍ତିଙ୍କ ନିର୍ଦ୍ଦେଶିତ ଏବଂ ଅଭିନେତା ମୋହନ ଲାଲଙ୍କୁ ନେଇ ନିର୍ମିତ 'ଥୁଡ଼ାରୁମ୍' ଭଳି ବଡ଼ ବ୍ୟାନରର ଚଳଚ୍ଚିତ୍ର ପର୍ଯ୍ୟନ୍ତ ମହୋତ୍ସବର ଗରିମାକୁ ବୃଦ୍ଧି କରୁଛି । 'ଦି ହ୍ୱିସ୍‌ପର୍ସ୍ ଅଫ୍ ଦି ମାଉଣ୍ଟେନ୍ସ୍' ଚଳଚ୍ଚିତ୍ର ବେଶ୍ ଆଦୃତ ହୋଇଛି । ପ୍ରଯୋଜକ ଜିତେନ୍ଦ୍ର ମିଶ୍ର ଏବଂ ନିର୍ଦ୍ଦେଶକ ଜିଗର୍ ନାଗଡ଼ା ଆଞ୍ଚଳିକ ସିନେମା କିପରି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରୁଛି ଏହା ଉପରେ ଆଲୋକପାତ କରିଛନ୍ତି ।

ବିଭିନ୍ନ ପ୍ରେକ୍ଷାଳୟରେ ଆଜି କେତେକ ଚଳଚ୍ଚିତ୍ରର ସ୍କ୍ରିନିଂ ସହ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ରର ପ୍ରଦର୍ଶନ କରାଯିବ ।

# ରୁଷ-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ସହର ଜାପୋରିଝିଆରେ ରୁଷ ସୈନ୍ୟବାହିନୀ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି । ଗତ ସନ୍ଧ୍ୟାରେ ହୋଇଥିବା ଏହି ଆକ୍ରମଣରେ ୭ ଜଣ ଆହତ ହୋଇଛନ୍ତି । ଆଞ୍ଚଳିକ ଗଭର୍ଣ୍ଣର ଇଭାନ୍ ଫେଡୋରୋଭ୍ କହିଛନ୍ତି, ଏହି ଆକ୍ରମଣରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ନଷ୍ଟ ହେବା ସହ ଅନେକ ଆବାସଗୃହ କ୍ଷତିଗ୍ରସ୍ତ ହୋଇଛି । ଜରୁରୀକାଳୀନ ସେବା,

ଜାତୀୟ ପୁଲିସ୍ ଏବଂ ଡାକ୍ତରୀ ଦଳ ପକ୍ଷରୁ ୧୨ଟି ସ୍ଥାନରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷବର୍ଗ ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ କ୍ରିକେଟ୍ ପ୍ରତିଯୋଗିତାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆସନ୍ତା ଫେବୃୟାରୀ ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତା ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ । ଫେବୃୟାରୀ ୧୫ ତାରିଖରେ କଲମ୍ବୋ ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ପାକିସ୍ତାନ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତର ଟି-ଟ୍ୱେଣ୍ଟି ବିଶ୍ୱକପ୍ ବିଜୟୀ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିଯୁକ୍ତ କରାଯାଇଛି । ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବେ ଦ୍ୱିତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛନ୍ତି । ୨୦ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ । ୫ଟି ଲେଖାଏଁ ଦଳକୁ ମିଶାଇ ୪ଟି ଗ୍ରୁପ୍ ଗଠନ କରାଯାଇଛି । ଗ୍ରୁପ୍-ଏରେ ଭାରତ ସହ ପାକିସ୍ତାନ, ନେଦରଲାଣ୍ଡ, ନାମିବିୟା ଏବଂ ୟୁ.ଏସ୍.ଏ. ରହିଛନ୍ତି ।

## କ୍ରିକେଟ୍ ଟେଷ୍ଟ

ଗୁଆହାଟୀ ଟେଷ୍ଟରେ ଭାରତ ଆଜି ତାର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ରଖିବ । ଗତକାଲିର ସ୍କୋର ୨ ଓ୍ୱିକେଟ୍‌ରେ ୨୭ରନ୍‌ରୁ ଭାରତ ଆଜି ପଞ୍ଚମ

ତଥା ଶେଷ ଦିନର ଖେଳ ଆରମ୍ଭ କରିବ । ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତ ସମ୍ମୁଖରେ ୫୪୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆଉ ୮ଟି ଓ୍ୱିକେଟ୍ ବାକିଥାଇ ଭାରତ ଟେଷ୍ଟ ମ୍ୟାଚ୍‌କୁ ଜିତିବା ପାଇଁ ଆଉ ୫୨୨ରନ୍ ଆବଶ୍ୟକ କରୁଛି । ଦକ୍ଷିଣ ଆଫ୍ରିକା ତାର ଦ୍ୱିତୀୟ ଇନିଂସରେ ୫ ଓ୍ୱିକେଟ୍‌ରେ ୨୬୦ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ସାଇ ସୁଦର୍ଶନ ଏବଂ କୁଲଦୀପ ଯାଦବ କ୍ରିଜ୍‌ରେ ଅପରାଜିତ ଅଛନ୍ତି ।

କୋଲକାତା ଇଡେନ୍‌ଗାର୍ଡେନ୍ ଟେଷ୍ଟରେ ଭାରତକୁ ୩୦ରନ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଏହି ଦୁଇଟିକିଆ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।